# NATIONAL NEWS BULLETIN (ODIA)
## 8 November - 2025
## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ସମସ୍ତଙ୍କ ପାଇଁ ନ୍ୟାୟ ପ୍ରଦାନ' ସହଜରେ ଉପଲବ୍ଧ କରିବା ଉପରେ ପ୍ରଧାନମନ୍ତ୍ରୀଙ୍କ ଗୁରୁତ୍ୱ ।

– ନୂଆଦିଲ୍ଲୀରେ ସୁପ୍ରିମ୍‌କୋର୍ଟ୍‌ରେ ଆଇନ୍ ସହାୟତା ବିତରଣତନ୍ତ୍ର ସଶକ୍ତିକରଣ ଜାତୀୟ ସମ୍ମିଳନୀର କଲେ ଉଦ୍‌ଘାଟନ ।

- ବିକଶିତ ଭାରତ ପ୍ରତିଷ୍ଠା ଦିଗରେ ସହରୀକରଣ ହେଉଛି ଏକ ପଥ କହିଲେ କେନ୍ଦ୍ର ମନ୍ତ୍ରୀ ।

- ଆଫ୍‌ଗାନିସ୍ତାନ ଉପରେ ପାକିସ୍ତାନ ସେନାର ଆକ୍ରମଣରେ ୬ ମୃତ ।

ଏବଂ

- ଭାରତ-ଅଷ୍ଟ୍ରେଲିଆ ଟି-ଟ୍ୱେଣ୍ଟି ସିରିଜ୍‌ରେ ଭାରତ ୨-୧ରେ ବିଜୟୀ ।

# ପିଏମ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ସନ୍ଧ୍ୟାରେ ନୂଆଦିଲ୍ଲୀ ଠାରେ ସୁପ୍ରିମ୍‌କୋର୍ଟରେ ଆଇନ୍ ସହାୟତା ବିତରଣ ତନ୍ତ୍ର ସଶକ୍ତିକରଣ ଶୀର୍ଷକ ଜାତୀୟ ସମ୍ମିଳନୀର ଉଦ୍‌ଘାଟନ କରିଛନ୍ତି । ସେ ଜାତୀୟ ଆଇନ୍ ସେବା ପ୍ରାଧିକରଣ – ଏନ୍.ଏ.ଏଲ୍.ଏସ୍.ଏ. ଦ୍ୱାରା ପ୍ରସ୍ତୁତ ମଧ୍ୟସ୍ଥତା ପ୍ରଶିକ୍ଷଣ ମଡ୍ୟୁଲ୍‌ର ମଧ୍ୟ ଶୁଭାରମ୍ଭ କରିଛନ୍ତି । ସାମାଜିକ କିମ୍ବା ଆର୍ଥିକ ପଛୁଆବର୍ଗ ନିର୍ବିଶେଷରେ ସମସ୍ତ ନିକଟରେ ନ୍ୟାୟ ପହଞ୍ଚି ପାରିଲେ ସାମାଜିକ ନ୍ୟାୟକୁ ସୁନିଶ୍ଚିତ କରାଯାଇପାରିବ ବୋଲି ପ୍ରଧାନମନ୍ତ୍ରୀ ଏହି ଅବସରରେ କହିଛନ୍ତି ।

ପ୍ରଧାନମନ୍ତ୍ରୀ’ ସମସ୍ତ ଆଇନ୍‌ଗତ ନଥିପତ୍ରକୁ ସ୍ଥାନୀୟ ଭାଷାରେ ଉପଲବ୍ଧ କରିବା ଲାଗି ଗୁରୁତ୍ୱ ପ୍ରଦାନ କରିଛନ୍ତି । ଗତ କିଛି ବର୍ଷ ମଧ୍ୟରେ ନ୍ୟାୟ ପ୍ରକ୍ରିୟାକୁ ସହଜ ଏବଂ ସରଳୀକରଣ କରିବା ଲାଗି ସରକାର ପଦକ୍ଷେପ ନେଇଥିବା ସେ କହିଛନ୍ତି । ସରକାର ସର୍ବଦା ଆଇନ୍ ସଚେତନତାକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରାଥମିକତା ଦେଇଥାନ୍ତି ବୋଲି ଶ୍ରୀ ମୋଦୀ କହିଛନ୍ତି । ସମସ୍ତଙ୍କ ପାଇଁ ନ୍ୟାୟ ପ୍ରଦାନ ଯେପରି ସହଜରେ ଉପଲବ୍ଧ ହୋଇପାରିବ ପ୍ରଧାନମନ୍ତ୍ରୀ ଗୁରୁତ୍ୱ ପ୍ରଦାନ କରିଛନ୍ତି ।

**V/O-1--PM---MODI**

ପ୍ରଧାନମନ୍ତ୍ରୀ କହିଛନ୍ତି, ୧୫ଶହରୁ ପୁରୁଣା ଆଇନ୍ ଗୁଡ଼ିକୁ ରଦ୍ଦ କରାଯାଇଛି । ସମସ୍ତଙ୍କୁ ନ୍ୟାୟ ପ୍ରଦାନ ଦିଗରେ ସେବା ଯୋଗାଇଦେବା ପ୍ରକ୍ରିୟାକୁ ସରଳ କରିବା ସହ ବିଚାର ପ୍ରକ୍ରିୟାକୁ ମଧ୍ୟ ସରଳ କରିବା ଉପରେ ସେ ପ୍ରାଧାନ୍ୟ ଦେଇଛନ୍ତି । ଦେଶର ଗରିବ, ଦଳୀତ, ପିଡ଼ିତ ଏବଂ ବଞ୍ଚିତ ଲୋକମାନଙ୍କୁ ନ୍ୟାୟ ପ୍ରଦାନ ସୁନିଶ୍ଚିତ କରିବା ପାଇଁ ଆଇନ୍ ସହାୟତା ପରିଷଦର କାର୍ଯ୍ୟ ବ୍ୟାପକ କରିବା ଲାଗି ପ୍ରଧାନମନ୍ତ୍ରୀ କହିଛନ୍ତି । ନ୍ୟାୟିକ ବ୍ୟବସ୍ଥାକୁ ମଧ୍ୟ ଅଧିକ ସୁଦୃଢ଼ କରିବା ଲାଗି ସେ ଗୁରୁତ୍ୱ ପ୍ରଦାନ କରିଛନ୍ତି ।

**V/O-2-PM---MODI**

ଆଇନ୍ ଓ ନ୍ୟାୟ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ୍ କହିଛନ୍ତି, ଜାତୀୟ ଆଇନ୍‌ସେବା ପ୍ରାଧିକରଣ ନାଲ୍‌ସା' ସାଧାରଣ ନାଗରିକମାନଙ୍କୁ ଆବଶ୍ୟକ ସମୟରେ ଆଇନ୍ ସହାୟତା ଏବଂ ସେବା ପ୍ରଦାନ ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ୨୦୧୭ ମସିହାରେ ଆରମ୍ଭ ହୋଇଥିବା ଟିଲ୍-ଆଇନ୍ ଦ୍ୱାରା ୧କୋଟିରୁ ଊର୍ଦ୍ଧ୍ୱ ଲୋକ ଉପକୃତ ହୋଇଛନ୍ତି । ସେହିପରି ନାଲ୍‌ସା ଅଧୀନରେ ଆଇନ୍ ସହାୟତା କାର୍ଯ୍ୟ ନିମନ୍ତେ ବଜେଟ୍ ପରିମାଣ ୨୦୧୫-୧୬ରେ ଥିବା ୬୮ କୋଟି ଟଙ୍କାରୁ ଚଳିତ ଆର୍ଥିକ ବର୍ଷରେ ୪୦୦ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି ।

# ପିଏମ୍-ଭୁଟାନ୍ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୧୧ ତାରିଖରେ ଭୁଟାନ୍‌କୁ ଦୁଇ ଦିନିଆ ଗସ୍ତରେ ଯିବେ । ଏହି ଗସ୍ତ କାଳରେ ଶ୍ରୀ ମୋଦୀ ଏବଂ ଭୁଟାନ୍‌ର ରାଜା ଜିଗ୍‌ମେ ଖେସାର୍ ଓ୍ୱାଙ୍ଗ୍‌ଚୁକ୍ ୧ ହଜାର ୨୦ ମେଗାଓ୍ୱାଟ୍ ବିଶିଷ୍ଟ ପୁନତ୍‌ସାଞ୍ଚୁ ଦ୍ୱିତୀୟ ଜଳ ବିଦ୍ୟୁତ୍ ପ୍ରକଳ୍ପର ଉଦ୍‌ଘାଟନ କରିବେ । ଏହି ପ୍ରକଳ୍ପ ଉଭୟ ଭାରତ ଏବଂ ଭୁଟାନ୍ ଦ୍ୱାରା ମିଳିତ ଭାବେ ବିକଶିତ କରାଯାଇଛି । ଭୁଟାନର ଚତୁର୍ଥ ରାଜା ଜିଗ୍‌ମେ ସିଙ୍ଗେ ଓ୍ୱାଙ୍ଗ୍‌ଚୁକ୍‌ଙ୍କ ୭୦ତମ ଜନ୍ମ ବାର୍ଷିକୀ ସମାରୋହରେ ଅଂଶଗ୍ରହଣ କରିବାର କାର୍ଯ୍ୟସୂଚୀ ରହିଛି ।

# ପ୍ରେଜ୍ ଭିଜିଟ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଙ୍ଗୋଲା ଏବଂ ବୋତସ୍‌ଓ୍ୱାନାକୁ ଛଅ ଦିନିଆ ଗସ୍ତରେ ଯାଇ ଆଜି ଆଙ୍ଗୋଲା ଠାରେ ପହଞ୍ଚିବେ । ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ଏହି ଦୁଇ ରାଷ୍ଟ୍ର ଗସ୍ତ କରିବାରେ ରାଷ୍ଟ୍ରପତି ମୁର୍ମୁ ହେଉଛନ୍ତି ଭାରତର ପ୍ରଥମ ରାଷ୍ଟ୍ରମୁଖ୍ୟ। ଏହି ଗସ୍ତ ଅବସରରେ ରାଷ୍ଟ୍ରପତି ମୁର୍ମୁ ଦୁଇ ଦେଶରେ ତାଙ୍କ ପ୍ରତିପକ୍ଷମାନଙ୍କ ସହିତ ଦ୍ୱିପାକ୍ଷିକ ଆଲୋଚନା କରିବେ। ପ୍ରଥମ ପର୍ଯ୍ୟାୟରେ ରାଷ୍ଟ୍ରପତି ମୁର୍ମୁ ଆଙ୍ଗୋଲାର ରାଷ୍ଟ୍ରପତି ଜୋଆଓ ଲରେନ୍‌ସୋଙ୍କ ସହିତ ଦ୍ୱିପାକ୍ଷିକ

ଆଲୋଚନା କରିବେ । ସେ ଆଙ୍ଗୋଲାର ୫୦ତମ ସ୍ୱାଧୀନତା ଦିବସ ବାର୍ଷିକୀ ସମାରୋହରେ ଯୋଗଦେବା ସହ ଆଙ୍ଗୋଲା ସଂସଦରେ ଉଦ୍‌ବୋଧନ ଦେବେ ।

ରାଷ୍ଟ୍ରପତି ମୁର୍ମୁ ଦ୍ୱିତୀୟ ପର୍ଯ୍ୟାୟରେ ବୋତସ୍ୱାନାଠାରେ ୧୧ ତାରିଖରୁ ୧୩ ତାରିଖ ପର୍ଯ୍ୟନ୍ତ ସେଠାରେ ଅବସ୍ଥାନ କରିବେ । ରାଷ୍ଟ୍ରପତି ମୁର୍ମୁ ସେଠାକାର ରାଷ୍ଟ୍ରପତି ଡୁମା ବୋକୋଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି । ସେ ବୋତସ୍ୱାନା ଜାତୀୟ ଅଧିବେଶନରେ ଉଦ୍‌ବୋଧନ ଦେବା ସହ ସେଠାକାର ଐତିହାସିକ ସ୍ଥଳୀ ଏବଂ ସାଂସ୍କୃତିକ କେନ୍ଦ୍ରମାନ ପରିଦର୍ଶନ କରିବାର କାର୍ଯ୍ୟସୂଚୀ ରହିଛି । ରାଷ୍ଟ୍ରପତି ଦୁଇ ଦେଶର ଭାରତୀୟ ସମୁଦାୟର ସଦସ୍ୟମାନଙ୍କ ସହ ମତ ବିନିମୟ କରିବାର ମଧ୍ୟ କାର୍ଯ୍ୟକ୍ରମ ରହିଛି ।

## ମନୋହରଲାଲ୍-ଅର୍ବାନ୍ କନ୍‌କ୍ଲେଭ୍

କେନ୍ଦ୍ର ଗୃହ ଏବଂ ସହରାଞ୍ଚଳ ବ୍ୟାପାର ମନ୍ତ୍ରୀ ମନୋହରଲାଲ୍ କହିଛନ୍ତି, ବିକଶିତ ଭାରତ ପ୍ରତିଷ୍ଠା ଦିଗରେ ସହରୀକରଣ ହେଉଛି ଏକ ପଥ । ସେ କହିଛନ୍ତି, ଦେଶର ସହରାଞ୍ଚଳ ରୂପାନ୍ତରଣ ନିଶ୍ଚିତ ରୂପେ ନାଗରିକ କେନ୍ଦ୍ରୀତ, ସମାବେଶୀ ଏବଂ ଦୀର୍ଘ ସ୍ଥାୟୀ ହେବା ଉଚିତ୍ । ନୂଆଦିଲ୍ଲୀ ଠାରେ ଆଜି ଜାତୀୟ ସହରାଞ୍ଚଳ ସମ୍ମିଳନୀ ୨୦୨୫ର

ଉଦ୍‌ଘାଟନୀ ଅଧିବେଶନରେ ଯୋଗଦେଇ ଶ୍ରୀ ଲାଲ୍ କହିଛନ୍ତି, ସରକାର ଏକ ସ୍ୱଚ୍ଛ, ସୁସ୍ଥ ଏବଂ ସମୃଦ୍ଧ ସହର ଗଢ଼ିବା ଲାଗି ପ୍ରତିଶ୍ରୁତିବଦ୍ଧ । ୨୦୪୭ ମସିହା ସୁଦ୍ଧା ମୋଟ୍ ଜନସଂଖ୍ୟାର ୫୦ ପ୍ରତିଶତ ଲୋକ ସହରାଞ୍ଚଳରେ ବସବାସ କରିବାର ଲକ୍ଷ୍ୟ ରହିଥିବା ସେ କହିଛନ୍ତି । ଏ ଦିଗରେ ସରକାର ଘରୋଇ କ୍ଷେତ୍ର ଏବଂ ନାଗରିକମାନଙ୍କର ସମ୍ମିଳିତ ଅଂଶଧନର ଆବଶ୍ୟକ ପାଇଁ ସେ ଆହ୍ୱାନ ଦେଇଛନ୍ତି । ଏକ ସ୍ୱଚ୍ଛ, ସବୁଜ ଏବଂ ସୁନ୍ଦର ସହର ଗଢ଼ିବା ସହ ବିକଶିତ ଭାରତ ଲକ୍ଷ୍ୟକୁ ପୂରଣ କରିବା ଲାଗି ସମସ୍ତଙ୍କର ସହଯୋଗ କାମନା କରିଛନ୍ତି । ଏହି ଅବସରରେ ମନ୍ତ୍ରୀ ଅମୃତ ଆନ୍ଥେମ୍ ‘ଜଲ୍ ହି ଜନନୀ’ର ଶୁଭାରମ୍ଭ କରିଥିଲେ । ସେ ମଧ୍ୟ ସହରାଞ୍ଚଳ ପୁଞ୍ଜିବିନିଯୋଗ ୱିଣ୍ଡୋର ଉନ୍ମୋଚନ କରିଥିଲେ । ସହରାଞ୍ଚଳ ଭିତ୍ତିଭୂମି ପ୍ରକଳ୍ପରେ ପୁଞ୍ଜିନିବେଶକୁ ସରଳ କରିବା ଲାଗି ଏହା ଏକ ନୂତନ ପ୍ଲାଟ୍‌ଫର୍ମ ବୋଲି ମନ୍ତ୍ରୀ ଶ୍ରୀ ମନୋହରଲାଲ୍ ଆଲୋକପାତ କରିଛନ୍ତି ।

## ବିହାର-ଏଆର୍‌ଓ ସସ୍‌ପେନ୍‌ସନ୍

ବିହାରର ସମସ୍ତିପୁରର ସରାଇରଞ୍ଜନ ବିଧାନସଭା ନିର୍ବାଚନ ମଣ୍ଡଳୀର ଜଣେ ସହକାରୀ ରିଟର୍ଣ୍ଣିଂ ଅଧିକାରୀଙ୍କୁ ନିର୍ବାଚନ ଆୟୋଗ ସସ୍‌ପେଣ୍ଡ କରିଛନ୍ତି । ଇଭିଏମ୍‌ରୁ କିଛି ଭିଭିପାଟ୍ କାଗଜ ବାହାରେ ପଡ଼ିଥିବା ଜଣାପଡ଼ିବା ପରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ।

ମୁଖ୍ୟ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଏହି ଘଟଣାକୁ ଗୁରୁତର ସହ ଗ୍ରହଣ କରାଯାଇଛି ଏବଂ ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଛି । ସାମାଜିକ ଗଣମାଧ୍ୟମରେ ଏ ସଂକ୍ରାନ୍ତ ଏକ ଭିଡ଼ିଓ ପ୍ରସାରିତ ହେବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସହ ମକଦ୍ଦମା ରୁଜୁ ହୋଇଛି ।

## ଆସାମ-ସୀତାରମଣ

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଆଜି ଆସାମର ବିଶ୍ୱନାଥ ଜିଲ୍ଲା ଅନ୍ତର୍ଗତ ଭୋଲାଗୁଡ଼ି ଠାରେ ରାଜ୍ୟର ପ୍ରଥମ ବୈଷୟିକ ଏବଂ ଧନ୍ଦାମୂଳକ ବିଶ୍ୱବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । 'ସ୍ୱାହିଦ୍ କନକଲତା ବରୁଆ ରାଜ୍ୟ ବିଶ୍ୱବିଦ୍ୟାଳୟ' ଭାବରେ ନାମିତ ଏହି ଶିକ୍ଷାନୁଷ୍ଠାନ ବିଭିନ୍ନ ବୈଷୟିକ ଶିକ୍ଷା, କୃତ୍ରିମ ବୁଦ୍ଧିମତ୍ତା, ମେସିଲନ୍ ଲର୍ଣ୍ଣିଂ, ସାଇବର ସୁରକ୍ଷା, ଡ୍ରୋନ୍, କ୍ୱାଣ୍ଟମ୍ କମ୍ପ୍ୟୁଟିଂ ଆଦି ବିଷୟ ଉପରେ ଧ୍ୟାନ କେନ୍ଦ୍ରୀତ କରିବ । ୨୪୧ ଏକର ପରିମିତ ଏହି ବିଶ୍ୱବିଦ୍ୟାଳୟ ପରିସରରେ ୭ ଲକ୍ଷ ବର୍ଗ ଫୁଟ୍ ଅଞ୍ଚଳରେ ଶିକ୍ଷାନୁଷ୍ଠାନ ହେବ । ଏଥିରେ ୨ ହଜାର ଛାତ୍ରଛାତ୍ରୀ ଅଧ୍ୟୟନ କରିବା ସହ ସେମାନଙ୍କ ମଧ୍ୟରୁ ୧ ହଜାର ୬୨୦ ଜଣ ଛାତ୍ରଛାତ୍ରୀଙ୍କ ପାଇଁ ହଷ୍ଟେଲ୍‌ର ବ୍ୟବସ୍ଥା ହେବ । ୧୭ ବର୍ଷୀୟ ସ୍ୱାଧୀନତା ସଂଗ୍ରାମୀ କନକଲତା ବରୁଆଙ୍କ ନାମରେ ଏହି ବିଶ୍ୱବିଦ୍ୟାଳୟ ନାମକରଣ କରାଯାଇଛି । ୧୯୪୨ ଭାରତଛାଡ଼ ଆନ୍ଦୋଳନ ସମୟରେ ଗୋହପୁର

ଠାରେ ଜାତୀୟ ପତାକା ଧରି ଶୋଭାଯାତ୍ରାରେ ଯାଉଥିବା ସମୟରେ ତାଙ୍କ ଉପରେ ଗୁଳି ଚାଳନା କରାଯାଇଥିଲା । ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଯୋଗ ଦେଇଥିଲେ ।

## ଗୋୟଲ-ଭିଜିଟ୍

ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ ଆଜି ନ୍ୟୁଜିଲାଣ୍ଡ ଏବଂ ଅଷ୍ଟ୍ରେଲିଆ ଗସ୍ତ ସମାପ୍ତ କରିଛନ୍ତି । ସେ ଅଷ୍ଟ୍ରେଲିଆର ବାଣିଜ୍ୟ ଓ ପର୍ଯ୍ୟଟନ ମନ୍ତ୍ରୀ ଡନ୍ ଫାରେଲ୍ ଏବଂ ଦକ୍ଷତା ଓ ପ୍ରଶିକ୍ଷଣ ମନ୍ତ୍ରୀ ଆଣ୍ଡ୍ର୍ୟୁ ଜାଇସ୍‌ଙ୍କ ସହ ମେଲ୍‌ବୋର୍ଣ୍ଣ ଠାରେ ସାକ୍ଷାତ ଆଲୋଚନା କରିଥିଲେ । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ଗୋୟଲ କହିଛନ୍ତି, ଦୁଇ ଦେଶ ମଧ୍ୟରେ ହୋଇଥିବା ଆଲୋଚନା କାଳରେ ମହତ୍ୱାକାଂକ୍ଷି ଏବଂ ସମତୁଲ ବ୍ୟାପକ ଅର୍ଥନୈତିକ ସହଯୋଗ ବୁଝାମଣା ସମେତ ଭାରତ-ଅଷ୍ଟ୍ରେଲିଆ ଅର୍ଥନୈତିକ ଭାଗିଦାରୀତା ସମ୍ପର୍କ ମଜବୁତ କରିବା ପ୍ରସଙ୍ଗ ସ୍ଥାନ ପାଇଥିଲା ।

## ପାକ୍-ଆଫ୍‌ଗାନ୍ କ୍ଲାସ୍

ପାକିସ୍ତାନୀ ସେନା ଆଫ୍‌ଗାନିସ୍ତାନର କାନ୍ଧାର ପ୍ରଦେଶର ସ୍ପିନ୍ ବୋଲ୍‌ଡାକ୍ ଜିଲ୍ଲାର ତିନୋଟି ଘର ଉପରେ ଆକ୍ରମଣ କରିବା ଫଳରେ ୬ ଜଣ ସାଧାରଣ ନାଗରୀକ ପ୍ରାଣ ହରାଇଥିବା ବେଳେ ୫ ଜଣ ଆହତ ହୋଇଛନ୍ତି । ଆବାସିକ ଏବଂ ବାଣିଜ୍ୟିକ ଅଞ୍ଚଳରେ ପାକିସ୍ତାନ ସେନା ପକ୍ଷରୁ ମୋଟାର ଆକ୍ରମଣ କରାଯାଇଥିବା ସ୍ଥାନୀୟ ଗଣମାଧ୍ୟମ ସୂତ୍ରରୁ ସୂଚନା ମିଳିଛି । ଏଥିରେ ବ୍ୟବସାୟ ପ୍ରତିଷ୍ଠାନ ଏବଂ ଘର ନଷ୍ଟ ହୋଇଥିବା ଜଣାଯାଇଛି । ଆଫ୍‌ଗାନିସ୍ତାନ ଅଧିକାରୀଙ୍କ ପକ୍ଷରୁ ପାକିସ୍ତାନ ଯୁଦ୍ଧ ବିରତି ଉଲ୍ଲଘଂନ କରୁଥିବା ଅଭିଯୋଗ କରିଛନ୍ତି । ଇସ୍ତାନବୁଲ୍ ଠାରେ ପାକିସ୍ତାନ ଏବଂ ତାଲିବାନ୍ କର୍ତ୍ତୃପକ୍ଷଙ୍କ ମଧ୍ୟରେ ଶାନ୍ତି କଥାବାର୍ତ୍ତା ହୋଇଥିଲେ ମଧ୍ୟ ପାକିସ୍ତାନ ପକ୍ଷରୁ ଏହି ଆକ୍ରମଣ କରାଯାଇଛି ।

## କ୍ରିକେଟ୍-ଟି-ଟ୍ୱେଣ୍ଟି

ଭାରତ-ଅଷ୍ଟ୍ରେଲିଆ ମଧ୍ୟରେ ଚଳିତ ପୁରୁଷ ବର୍ଗ ଟି-ଟ୍ୱେଣ୍ଟି ସିରିଜ୍‌ର ପଞ୍ଚମ ତଥା ଅନ୍ତିମ ପର୍ଯ୍ୟାୟ ମ୍ୟାଚ୍ ଆଜି ବ୍ରିସ୍‌ବେନ୍ ଠାରେ ଆରମ୍ଭ ହୋଇଥିଲେ ମଧ୍ୟ ବର୍ଷା ଯୋଗୁଁ ବାତିଲ୍ କରାଯାଇଛି । ଭାରତକୁ ୨-୧ ସିରିଜ୍‌ରେ ବିଜୟ ଘୋଷଣା କରାଯାଇଛି । ଖେଳ ବନ୍ଦ କରିବା ପୂର୍ବରୁ ଭାରତ ବିନା କୌଣସି ଓ୍ୱିକେଟ୍ ହରାଇ ୫୨ରନ୍ ସଂଗ୍ରହ କରିଥିଲା ।

ଭାରତର ଶୁଭମନ ଗିଲ୍ ୨୯ରନ୍ କରିଥିବା ବେଳେ ଅଭିଶେକ ଶର୍ମା ୨୩ରନ୍ କରିଥିଲେ । ଅଭିଶେକ୍ ଶର୍ମାଙ୍କୁ ପ୍ଲେୟାର୍ ଅଫ୍ ଦି ସିରିଜ୍ ଘୋଷଣା କରାଯାଇଛି । ଅଷ୍ଟ୍ରେଲିଆର କ୍ୟାପ୍ଟେନ୍ ମିଚେଲ୍ ମାର୍ସ ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ ।